ଧରିତ୍ରୀ
DHARITRI
ଗୁରୁବାର, ୧୮ ନଭେମ୍ବର ୨୦୨୧



### ତମାଖୁ ବିକ୍ରୟ ଦୋକାନ ଉପରେ ଚଢ଼ାଉ

ବୁଗୁଡ଼ା,(ଡି.ଏନ.ଏ.): ବୁଗୁଡ଼ାର ବିଭିନ୍ନ ତମାଖୁ ବିକ୍ରୟ ଦୋକାନ ଉପରେ ବୁଧବାର ଚଢ଼ାଉ କରାଯାଇ ୭ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି। ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶାନୁସାରେ ଉକ୍ତ ଚଢ଼ାଉରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମର ସାମାଜିକ କର୍ମୀ ଅନନ୍ତ କୁମାର ନାୟକ, ଭଞ୍ଜନଗର ଡ୍ରଗସ୍ ଇନିସପେକ୍ଟର ପ୍ରସନ୍ନ ମଲ୍ଲିକ, ବ୍ରହ୍ମପୁର ଫୁଡ୍ ସେଫ୍‌ଟି ଅଫିସର ଚିନ୍ମୟ ପାଢୀ ସାମିଲ ଥିଲେ। ସ୍ଥାନୀୟ ଅବକାରୀ ଅଧିକାରୀ ବ୍ରହ୍ମାନନ୍ଦ ଭୋଇ ଓ ପୋଲିସ୍ ସବ୍‌ଇନ୍ସପେକ୍ଟର କ୍ଷେତ୍ର ମୋହନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### କାଳୁଆ ଯାତ୍ରାରେ ୨ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା

**ହିଞ୍ଜିଳିକାଟୁ,୧୭।୧୧(ଡି.ଏନ୍.ଏ):** ହିଞ୍ଜିଳିକାଟୁ ପୌରାଞ୍ଚଳ ଆଙ୍କୋରଡ଼ାଠାରେ ମା କାଳୁଆ ଯାତ୍ରା ଉଦଯାପନୀ ଦିବସରେ ବୁଧବାର ଠାକୁରାଣୀଙ୍କ ଘଟ ପରିକ୍ରମା ବେଳେ ୨ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଗୋଟିଏ ଗୋଷ୍ଠୀ ନିଜ ଅଞ୍ଚଳରେ ଠାକୁରାଣୀଙ୍କ ଘଟକୁ ଦୀର୍ଘ ସମୟ ଧରି ଅଟକ ରଖିବା ଫଳରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିଲା। ବିଡିଓ ସୁବ୍ରତ କୁମାର ଜେନା, ତହସିଲଦାର ପ୍ରଭାତ କୁମାର ପରିଡ଼ା ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ ମନୋରଞ୍ଜନ ସାହୁ ପ୍ରମୁଖ ପହଞ୍ଚି ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଆଲୋଚନା କରିଥିଲେ। ମଧ୍ୟାହ୍ନରେ ୨ଗୋଷ୍ଠୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ, ଛତ୍ରପୁର ଉପ ଜିଲାପାଳ ନୀଳମାଧବ ଭୋଇ, ଆସିକା ଏସଡିପିଓ ଉମା ଶଙ୍କର ସିଂ, ପୁରୁଷୋତ୍ତମପୁର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଆସିକା, ପାଟପୁର, ଶେରଗଡ଼, ହିଞ୍ଜିଳି ଆଇଆଇସିଙ୍କ ସହ ୨ପ୍ଲାଟୁନ ପୋଲିସ ଫୋର୍ସ ଆଙ୍କୋରଡ଼ା ଗ୍ରାମରେ ପହଞ୍ଚି ୨ ଗୋଷ୍ଠୀଙ୍କୁ ବୁଝାଶୁଝା କରିଥିଲେ। ଦୀର୍ଘ ସମୟ ଧରି ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ଓ ପୋଲିସ ଉପସ୍ଥିତରେ ଆଲୋଚନା ହୋଇଥିଲା। ସନ୍ଧ୍ୟାରେ ଉତ୍ତେଜନା ସାମାନ୍ୟ ହ୍ରାସ ପାଇବା ପରେ ଠାକୁରାଣୀଙ୍କ ଘଟକୁ କମ ଲୋକଙ୍କ ଉପସ୍ଥିତିରେ ମେଲାଣି ପ୍ରଦାନ କରାଯାଇଥିଲା। ପ୍ରକାଶ ଯେ, ମଙ୍ଗଳବାର ରାତିରେ ଗ୍ରାମରେ ଠାକୁରାଣୀଙ୍କ ଘଟ ପରିକ୍ରମା ବେଳେ ଗ୍ରାମର ଏକ ଗୋଷ୍ଠୀର ଯୁବକଙ୍କୁ ଅନ୍ୟ ଗୋଷ୍ଠୀର କିଛି ବ୍ୟକ୍ତି ଆକ୍ଷେପ କରିଥିଲେ। ଏହାକୁ ନେଇ ୨ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ହିଞ୍ଜିଳିକାଟୁ ତହସିଲଦାର, ବିଡିଓ, ମ୍ୟୁନିସପାଲଟି ଇଓ ପ୍ରମୁଖ ୨ ଗୋଷ୍ଠୀର କିଛି ନେତୃ ସ୍ଥାନୀୟ ବ୍ୟକ୍ତିଙ୍କ ସହ ଆଲୋଚନା କରି ଗ୍ରାମରେ ଶାନ୍ତି ସ୍ଥାପନା ପାଇଁ ଆଲୋଚନା ଜାରି ରଖିଛନ୍ତି।

### ଭୋଟର ସଚେତନତା ରାଲି

**କାଶୀନଗର,୧୭।୧୧(ଡି.ଏନ.ଏ.):** ସମସ୍ତ ସାବାଳକଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ନେଇ ଏକ ସଚେତନତା ରାଲି କାଶୀନଗର ସହର ପରିକ୍ରମା କରିଛି। ସ୍ଥାନୀୟ ଶ୍ରୀରାମ ଡିଗ୍ରୀ କଲେଜର ଏସିସି ଯୁବ ରେଡକ୍ରସ ଓ ଛାତ୍ରୀଛାତ୍ରମାନେ ଏହି ସଚେତନ ରାଲି କରିଥିଲେ। ପାରଳାଖେମୁଣ୍ଡି ସବକଲେକ୍ଟର ଦିଲୀପ କୁମାର ମହାରଣାଙ୍କ ନେତୃତ୍ୱରେ ଡିଗ୍ରୀ କଲେଜର ପ୍ରିନ୍ସିପାଲ ପ୍ରଶାନ୍ତ କୁମାର ପାନାପାଲି ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

### ଆକ୍ରମଣ ମାମଲା, ଅଭିଯୁକ୍ତ ଗଲେ ଜେଲ

**ଦିଗପହଣ୍ଡି,୧୭।୧୧(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ଗ୍ରାମର ଲଣ୍ଡା ଓରଫ ମୁନା ନାୟକଙ୍କୁ ବୁଧବାର କୋର୍ଟ ୱାରେଣ୍ଟ ବଳରେ ପୋଲିସ ମାମଲା ନଂ.୧୫୧/୨୧ ଅନୁଯାୟୀ କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଯାଇଛି। ଗତ ଜୁନ ୧୪ରେ ଫାସିଗୁଡ଼ା ଗ୍ରାମ ସ୍ଥିତ ଚୈତନ୍ୟ ନିତ୍ୟାନନ୍ଦ ମଠର କବାଟ ଭାଙ୍ଗି ଭିତରେ ପଶି ସେଠାରେ ଅନୁପସ୍ଥିତ ଥିବା ମଠ ମହନ୍ତ ପ୍ରମୋଦ କୁମାର ସାବତଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ମଠ ଭିତରେ ଉପସ୍ଥିତ ଥିବା ମହନ୍ତଙ୍କ କର୍ମଚାରୀ ସଦା ପ୍ରଧାନ ପ୍ରତିବାଦ କରିବାରୁ ମୁନା ନାୟକ ତାଙ୍କୁ ଆକ୍ରମଣ କରିବା ସହ ଧମକ ଦେଇଥିଲେ। ଏ ନେଇ ମଠ ମହନ୍ତ ପ୍ରମୋଦ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ମଠ ଜମି ଚାଷ କୁ କେନ୍ଦ୍ରକରି ଏଭଳି ଘଟଣା ଘଟିଥିବା ପୋଲିସ କହିଛି।

### ବିଜେଡିର ସାଙ୍ଗଠନିକ ବୈଠକ

**କୋଟଗଡ଼ା,୧୭।୧୧(ଡି.ଏନ.ଏ):** କୋଟଗଡ଼ ବ୍ଲକ ପାରିଗଡ଼ ଗ୍ରାମପଞ୍ଚାୟତ ସଭାପତି ଭିନସେନ ପତ୍ର, ଉପସଭାପତି ରମାକାନ୍ତ ବଳିଆରସିଂଙ୍କ ନେତୃତ୍ୱରେ ଜିଲା ପରିଷଦ ଜୋନ କମିଟି ଗଠନ କରାଯାଇଛି। ଏଥିରେ ପାରିଗଡ଼ ପଞ୍ଚାୟତ ଦାୟିତ୍ୱଥିବା ଜିଲା ସମ୍ପାଦକ ସରୋଜ ବଳିଆରସିଂ, ଜିଲା ସମ୍ପାଦିକା ସୁରେଖା ପାଟମାଝୀ, କୋଷାଧ୍ୟକ୍ଷ କୈଳାଶ ରଥ ଉପସ୍ଥିତ ଥାଇ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କୋଟଗଡ଼ ବ୍ଲକରେ ଜିଲାପରିଷଦ କିଭଳି ବିଜୟ ହେବ ସେ ଉପରେ ଆଲୋଚନା କରିଥିଲେ। ବୈଠକରେ ଜାର୍ଗିଗୁଡା, ବାଲିଗୁଡା ୱାର୍ଡର କଂଗ୍ରେସର ୮ଜଣ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ବୈଠକରେ ଦଣ୍ଡପାଣି ବଳିଆରସିଂ, ତ୍ରିଲୋଚନ ରାଉତ ଓ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ଏମ୍‌କେସିଜି ଟିକେଟ କାଉଣ୍ଟର କର୍ମଚାରୀଙ୍କ ଧାରଣା

ବ୍ରହ୍ମପୁର ଅଫିସ,୧୭।୧୧



ଧାରଣାରେ ବସିଥିବା ଟିକେଟ କାଉଣ୍ଟର୍ କର୍ମଚାରୀ।

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡିକାଲ ଟିକେଟ କାଉଣ୍ଟର କର୍ମଚାରୀମାନେ ବୁଧବାର ବିଭିନ୍ନ ଦାବି ନେଇ କାର୍ଯ୍ୟବନ୍ଦ କରିବା ସହ ଧାରଣା ଦେଇଛନ୍ତି। ଫଳରେ ସକାଳେ

### ଦାବି ପୂରଣରେ ଅବହେଳା

ମେଡିକାଲକୁ ଆସିଥିବା ରୋଗୀମାନେ ଟିକେଟ ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ମେଡିକାଲ କର୍ତ୍ତୃପକ୍ଷ ପହଞ୍ଚି ଧାରଣାରତ କର୍ମଚାରୀଙ୍କୁ ବୁଝାଶୁଝା କରିଥିଲେ। ହେଲେ କୌଣସି ସମାଧାନ ପନ୍ଥା ନ ବାହାରିବାରୁ ଟିକେଟ କାଉଣ୍ଟରରେ ଅନ୍ୟ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। ଏମକେସିଜି ମେଡିକାଲରେ ବ୍ରହ୍ମପୁରର ଏକ ସଂସ୍ଥା ଦ୍ୱାରା ଆଉଟସୋର୍ସିଂ ବ୍ୟବସ୍ଥାରେ ଆଉଟଡୋର ଏବଂ ଇନଡୋର ଟିକେଟ କେନ୍ଦ୍ର ଏବଂ ରେକର୍ଡ଼ ବିଭାଗରେ କିଛି ଡାଟା ଏଣ୍ଟ୍ରି ଅପରେଟର୍ ଦୀର୍ଘବର୍ଷ ହେଲା କାମ କରି ଆସୁଛନ୍ତି। ହେଲେ ଏମାନଙ୍କ ପାଇଁ ଇପିଏଫ୍ କିମ୍ବା ଇଏସ୍‌ଆଇ ବାବଦରେ କୌଣସି ଅର୍ଥ ଜମା କରାଯାଉନାହିଁ। କମ୍ ଦରମା ନେଇ ପ୍ରତିବାଦ କଲେ ଛଟେଇ ଧମକ୍ ଦିଆଯାଉଥିବା ଓଡ଼ିଶା ଆଉଟସୋର୍ସିଂ ମେଡିକାଲ କର୍ମଚାରୀ ସଂଘ ଆବାହକ ପ୍ରତାପ ପ୍ରଧାନ, ସଭାପତି ସି.ଏଚ୍ ସୁନୀଲ ପାତ୍ର, ସମ୍ପାଦକ ଏନ୍. ନିରଞ୍ଜନ ଦାସ କହିଛନ୍ତି। ଆଉଟସୋର୍ସିଂ ବ୍ୟବସ୍ଥା ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି ସହିତ ଅନ୍ୟାନ୍ୟ ଦାବି ନେଇ ସଂଘ ତରଫରୁ ବାରମ୍ବାର ବିଭାଗୀୟ କର୍ତ୍ତୃକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହେଲେ କୌଣସି ସମାଧାନ ପନ୍ଥା ନ ବାହାରିବାରୁ ଶେଷରେ ସେମାନେ ଓପିଡି ଠାରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଏ ସମ୍ପର୍କରେ ଏମକେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା.ସନ୍ତୋଷ କୁମାର ମିଶ୍ର କହିଛନ୍ତି, ଟିକେଟ କେନ୍ଦ୍ରର କର୍ମଚାରୀମାନେ ବିକ୍ଷୋଭ କରିବେ ବୋଲି କହିଥିଲେ। କିନ୍ତୁ କାମ ବନ୍ଦ କରି ନିୟମ ଉଲ୍ଲଂଘନ କରିଛନ୍ତି। ଏଣୁ ସମ୍ପୃକ୍ତ ଆଉଟସୋର୍ସିଂ କର୍ମଚାରୀ ତଥା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଛୁଆହାତୀ ମୃତଦେହ ଠାବ, କାରଣ ଅସ୍ପଷ୍ଟ

ଗୋପାଳପୁର/ଟିକିଟି,୧୭।୧୧(ଡି.ଏନ.ଏ.)

ଗଞ୍ଜାମ ଜିଲା ବ୍ରହ୍ମପୁର ବନଖଣ୍ଡ ଅଧୀନ ଦିଗପହଣ୍ଡି ବନାଞ୍ଚଳରେ ଗୋଳନ୍ଥରା ଥାନା ପନ୍ନାଡ଼ ଗ୍ରାମର ଧାନରସିଆ ଜଙ୍ଗଲ ନିକଟସ୍ଥ ଏକ ଚାଷ ଜମିରେ ଗୋଟିଏ ୪ ବର୍ଷର ଛୁଆ ହାତୀର ମୃତଦେହକୁ ବନ ବିଭାଗ ଠାବ କରିଛି। ସାଉଥ୍ ଡିଭିଜନର ବଡ଼ଗଡ଼ ଅଞ୍ଚଳରୁ ୧୩ ଟିକିଆ ହାତୀପଲ ଖାଦ୍ୟ ଅନ୍ୱେଷଣ ପାଇଁ ଗତ ଏକ ମାସ ହେଲା ଟାମଣା ଜଙ୍ଗଲ ଓ ଏହାର ଆଖପାଖ ଅଞ୍ଚଳରେ ବୁଲୁଛନ୍ତି। ଗତ ତିନିଦିନ ହେଲା ପନ୍ନାଡ଼ ଗ୍ରାମର ମାଲୁଆଣି ପାହାଡ଼ ଅଞ୍ଚଳରେ ଏହି ହାତୀ ପଲ ଘୂରି ବୁଲି ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି। ମଙ୍ଗଳବାର ରାତିରେ ବନ ବିଭାଗର ଏଲିଫ୍ୟାଣ୍ଟ ସ୍କ୍ୱାଡ ଓ ପାରା ଷ୍ଟାପ୍ ଉକ୍ତ ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଥିଲେ। ବୁଧବାର ଉକ୍ତ ଗ୍ରାମର ଧାନରସିଆ ଜଙ୍ଗଲ ନିକଟସ୍ଥ ଚିତ୍ତରଞ୍ଜନ ମହାଙ୍କୁଡ଼ଙ୍କ ଜମିରେ ଏକ ଛୁଆ ହାତୀର ମୃତଦେହ ପଡ଼ି ରହିଥିଲା। ଗଞ୍ଜାମ ଡିଏଫଓ ଅମ୍ଲାନ ନାୟକ, ଏସିଏଫଓ ଅଶୋକ ବେହେରା, ଏ.ମାଧବୀଲତା, ଫରେଷ୍ଟର ଡି. ପ୍ରଶାନ୍ତ ରାଓ, ଅରୁଣ ଦାଶ ପ୍ରମୁଖ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।


ମୃତ ଛୁଆହାତୀ।

ହାତୀପଲ ମଧ୍ୟରେ ଆକ୍ରମଣ ପ୍ରତିଆକ୍ରମଣ ଘଟି କାଦରେ ପଡ଼ି ଉକ୍ତ ଛୁଆହାତୀର ମୃତ୍ୟୁ ଘଟିଥିବା ବନ ବିଭାଗ ଅଧିକାରୀମାନେ ସନ୍ଦେହ କରୁଛନ୍ତି। ମଧ୍ୟାହ୍ନରେ ଟିକିଟି ଭେଟେରିନାରୀ ଅଧିକାରୀ ଡା.କୈଳାସ ଚନ୍ଦ୍ର ସାମନ୍ତରାଙ୍କ ନେତୃତ୍ୱରେ ମୃତ ହାତୀଛୁଆର ବ୍ୟବଚ୍ଛେଦ କରାଯାଇ ସେଠାରେ ପୋତି ଦିଆଯାଇଛି। ଏ ନେଇ ଡିଏଫଓଙ୍କ ସହ ଯୋଗାଯୋଗ କରିବାରୁ କେଉଁ କାରଣରୁ ଉକ୍ତ ହାତୀର ମୃତ୍ୟୁ ଘଟିଛି ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ମୃତ ହାତୀର ଅର୍ଗାନ୍, ଭିସାରା ଓ ଖାଦ୍ୟଗୁଡ଼ିକ ଭୁବନେଶ୍ୱରସ୍ଥ ଭେଟେନାରୀ ଲାବ୍‌କୁ ପଠାଯାଇଛି। ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ କହିଥିଲେ।

# ରାଜ୍ୟସ୍ତରୀୟ ଶିଶୁ ନାଟକ ଉତ୍ସବ ଉଦ୍‌ଘାଟିତ

ବ୍ରହ୍ମପୁର ଅଫିସ,୧୭।୧୧


ନାଟକ ଉତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ଏବଂ ବ୍ରହ୍ମପୁର ଓଡ଼ିଶା ନାଟକ ସମାରୋହ ସମିତି ସହଯୋଗରେ ବୁଧବାର ହିଲପାଟଣା ସଂସ୍କୃତି ଭବନ ପରିସରରେ ୨ଦିନିଆ ରାଜ୍ୟସ୍ତରୀୟ ଶିଶୁ ନାଟକ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଉପସଭାପତି ମନ୍ମଥ କୁମାର ପାଢୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୋବିନ୍ଦ.ଜେ.ଚକ୍ରପାଣି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଗଞ୍ଜାମ ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସାଧାରଣ ପରିଷଦ ସଭ୍ୟ ଅନୀଲ କୁମାର ପାତ୍ର ଯୋଗ ଦେଇଥିଲେ। ପ୍ରଥମ ଦିନ ବାଦପୁର ଆଦର୍ଶ ବିଦ୍ୟାଳୟ ପକ୍ଷରୁ 'ଶାପିତ ପୁତ୍ର', ସୁନାଥର ପରମାନନ୍ଦ ଶିଶୁ ମନ୍ଦିର ପକ୍ଷରୁ 'ସୁନା କନିଆ', ଶିବାନନ୍ଦ ନଗର ମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ 'ଶକ୍ତି ରୂପେଣ ସଂସ୍ଥିତା', ଆଙ୍କୁଲି ଶିବାନନ୍ଦ ଶିଶୁ ମନ୍ଦିର ପକ୍ଷରୁ 'ଛୁଆ ଛେଳି' ନାଟକ ପରିବେଷଣ ହୋଇଥିଲା। ଶାପିତ ପୁତ୍ର ନାଟକକୁ ରାଜ ଗୋପାଳ ପାଢୀ ରଚନା ଓ ନିର୍ଦ୍ଦେଶନା କରିଥିବା ବେଳେ ସୁନା କନିଆ ନାଟକରେ ଲିଙ୍ଗରାଜ ନାହାକ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ସେହିଭଳି ଶକ୍ତି ରୂପେଣ ସଂସ୍ଥିତା ନାଟକକୁ ବାଳଗୋପାଳ ଶତପଥୀ ରଚନା ଓ ନିର୍ଦ୍ଦେଶନା ଏବଂ ଛୁଆ ଛେଳି ନାଟକକୁ ପଞ୍ଚାନନ ଦାଶ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ଏହି ୪ଟି ନାଟକରେ ପର୍ଯ୍ୟବେକ୍ଷକ ଭାବେ ମେଜର ରମାରମଣ ପାଢୀ, ଏନ୍.ରାମବାବୁ, ରମେଶ ମହାରଣା ଓ ସଦାନନ୍ଦ ନାୟକ ଯୋଗ ଦେଇଥିଲେ। ଆଜିର ନାଟକ କାର୍ଯ୍ୟକ୍ରମକୁ କୈଳାସ ପାଣିଗ୍ରାହୀ, ରବିନ୍ଦ୍ର କୁମାର ନାୟକ, ରମେଶ ଚୌଧୁରୀ, ଭାବଗ୍ରାହୀ ପାଳ ଓ ଗିରିଜା ଶଙ୍କର ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଯୌତୁକ ନିର୍ଯାତନା ମାମଲା, ସ୍ୱାମୀଙ୍କୁ ୨ବର୍ଷ ଜେଲ

ବ୍ରହ୍ମପୁର ଅଫିସ,୧୭।୧୧

ଯୌତୁକ ନିର୍ଯାତନା ସହିତ ସ୍ତ୍ରୀଙ୍କୁ ଆକ୍ରମଣ ମାମଲାର ଶୁଣାଣି କରି ଆସିଷ୍ଟାଣ୍ଟ ସେସନ୍ସ ଜଜ୍ ତଥା ସିଭିଲ୍ ରେଜିଷ୍ଟ୍ରାର୍ ଅମରେଶ ନାୟକ ଅଭିଯୁକ୍ତ ସ୍ୱାମୀଙ୍କୁ ୨ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୩ ହଜାର ଟଙ୍କା ଜରିମାନା କରିଛନ୍ତି। ଅଭିଯୁକ୍ତ ହେଲେ ପୁରୁଷୋତ୍ତମପୁର ଥାନା ହୁଣ୍ଡତ ଗ୍ରାମର ଭଗବାନ ଗୌଡ଼ ଓରଫ୍ ବାଉରୀୟ ଭଗବାନ। ସେ ବଡ଼ବଜାର ଥାନା ଅନ୍ତର୍ଗତ ହରିଡ଼ାଖଣ୍ଡିରେ ରହୁଥିବା ବିନୋଦ ଗୌଡ଼ଙ୍କ ଝିଅ ରିଙ୍କିଙ୍କୁ ବାହା ହୋଇଥିଲେ। ଦମ୍ପତି ହରିଡ଼ାଖଣ୍ଡି ଲକ୍ଷ୍ମୀବିହାରକୁ ଆସି ଘରଭଡ଼ା ନେଇ ରହିଥିଲେ। ବିଭିନ୍ନ କାରଣକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଭଗବାନ ଯୌତୁକ ନିର୍ଯାତନା ଦେଉଥିବା ନେଇ ରିଙ୍କି ମହିଳା ଥାନାରେ ଅଭିଯୋଗ କରିଥିଲେ। ଗତ ୨୦୧୫ ଜୁଲାଇ ୩ରେ ସ୍ୱାମୀ ଛାତରୁ ଠେଲି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ମହିଳା ଥାନା ପୋଲିସ ନଂ.୬୩/୧୫ରେ ଭଗବାନଙ୍କୁ କୋର୍ଟ ଚାଲାଣ କରିଥିଲା। ପରେ ସେ ଜାମିନ୍ ପାଇଥିଲେ। ୧୭ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ମିଳିଥିବାରୁ ଅଭିଯୁକ୍ତଙ୍କୁ କୋର୍ଟ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ତରଫରୁ ଏପିପି ଆରତୀ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

# ମୁଖ୍ୟ ଷଡ଼ଯନ୍ତ୍ରକାରୀ ୨ ଭାଇ ଗିରଫ

ବ୍ରହ୍ମପୁର ଅଫିସ,୧୭।୧୧

**ପୂର୍ବତନ ସରପଞ୍ଚଙ୍କୁ ହତ୍ୟା ଘଟଣା**

କୁକୁଡ଼ାଖଣ୍ଡି ବ୍ଲକ ଅନନ୍ତେଇ ଗ୍ରାମର ପୂର୍ବତନ ସରପଞ୍ଚ ପ୍ରଦୀପ ବିଷୋୟୀ ହତ୍ୟା ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଦୁଇ ଭାଇଙ୍କୁ ବଡବଜାର ପୋଲିସ ଗିରଫ କରିଛି। ସେମାନେ ହେଲେ ଦିଗପହଣ୍ଡି ଥାନା ଅନ୍ତର୍ଗତ ବନ୍ଧପଲ୍ଲୀ ଗ୍ରାମର ବଳି ଚରଣ ପାଢ଼ୀ ଓ ତାଙ୍କ ଭାଇ ଶ୍ୟାମ ଚରଣ ପାଢ଼ୀ ବୋଲି ଟାଉନ୍ ଏସଡିପିଓ ବିଷ୍ଣୁପ୍ରସାଦ ପତି ସୂଚନା ଦେଇଛନ୍ତି। ଏହି ୨ ଜଣ ପ୍ରଦୀପଙ୍କୁ ହତ୍ୟା କରିବା ପାଇଁ ପ୍ରାୟ ୧ମାସ ପୂର୍ବରୁ ଷଡ଼ଯନ୍ତ୍ର କରିଥିଲେ। ଏଥିପାଇଁ ସେମାନେ ଅନ୍ୟ ଦୁଇଭାଇ ଜୟସେନ ସ୍ୱାଇଁ ଓ ମିଥୁନ ସ୍ୱାଇଁଙ୍କୁ ନିୟୋଜିତ କରିଥିବା ପୋଲିସ ପ୍ରମାଣ ପାଇଛି। ବଡ଼ବଜାର ଥାନା ପୋଲିସ ନଂ୨୨୭/୨୧ରେ ଅଭିଯୁକ୍ତ ବଳି ଓ ଶ୍ୟାମଙ୍କୁ ଗିରଫ ପରେ ବୁଧବାର କୋର୍ଟ ଚାଲାଣ କରିଛି।

ବ୍ରହ୍ମପୁର ଗେଟବଜାରରେ ରହୁଥିବା ଅନନ୍ତେଇ ଗ୍ରାମର ପୂର୍ବତନ ସରପଞ୍ଚ ପ୍ରଦୀପଙ୍କୁ ଗତ ୫ ତାରିଖ ସକାଳେ କେତେଜଣ ଦୁର୍ବୃତ୍ତ ନିର୍ମମ ଭାବେ ହତ୍ୟା କରିଥିଲେ। ପ୍ରଦୀପଙ୍କ ସ୍ତ୍ରୀ ଗୀତାଞ୍ଜଳିଙ୍କ ଅଭିଯୋଗ କ୍ରମେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ପୋଲିସ ଜଣେ ନାବାଳକ ସମେତ ୫ଜଣଙ୍କୁ ଗତ ୧୪ତାରିଖରେ କାବୁ କରିଥିଲା। ହତ୍ୟାକାଣ୍ଡରେ ସମ୍ପୃକ୍ତ ଆଉ କେତେଜଣଙ୍କୁ ଧରିବା ନେଇ ତଦନ୍ତ ଚାଲିଥିଲା। ଏଣୁ ସେମାନଙ୍କ ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିବା ପାଇଁ ପୋଲିସ ଜୟସେନ ଓ ମିଥୁନକୁ ମଙ୍ଗଳବାର ରିମାଣ୍ଡରେ ନେଇ ଜେରା କରିଥିଲା। ଜେରା ବେଳେ ଉଭୟେ ବଳି ଓ ଶ୍ୟାମଙ୍କ ନାମ ନେଇଥିଲେ। ବଳି ଓ ଶ୍ୟାମ ହତ୍ୟାକାଣ୍ଡ ଯୋଜନା କରିଥିଲେ ବୋଲି ପୋଲିସ ଜାଣିବାକୁ ପାଇଥିଲା। ଏ ଦିଗରେ ପୋଲିସକୁ ମଧ୍ୟ ଆବଶ୍ୟକ ପ୍ରମାଣ ଓ ଫୋନ୍ କଲ୍ ରେକର୍ଡ଼ ହସ୍ତଗତ ହୋଇଥିଲା। ସେପଟେ ଶ୍ୟାମ ଘଟଣା ପରେ ଫେରାର୍ ରହିଥିବାରୁ ଅଧିକ ସନ୍ଦେହ ହୋଇଥିଲା। ପୋଲିସ ଫୋନ୍ ଟ୍ରାକିଂ କରି ଶ୍ୟାମଙ୍କୁ ରାୟଗଡାରୁ ଗିରଫ କରିଥିଲା। ୨୦୧୨ରେ ବଳି ଓ ଶ୍ୟାମଙ୍କ ଅନ୍ୟ ଜଣେ ବଡ଼ଭାଇ ରାମଚନ୍ଦ୍ରଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାର ପ୍ରତିଶୋଧ ନେବା ପାଇଁ ପ୍ରଦୀପଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି।

# ପେଟ୍ରୋଲ ନିଆଁରେ ପୂର୍ବତନ ସରପଞ୍ଚ, ସ୍ତ୍ରୀ, ଝିଅ ଗୁରୁତର

ଭଞ୍ଜନଗର,୧୭।୧୧(ଡି.ଏନ.ଏ)

ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ସମରବନ୍ଧ ଗାଁରେ ବୁଧବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ପଟ୍ରୋଲରେ ନିଆଁରେ ଲାଗିଯିବାରୁ ଗେରେଡ଼ାର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ନାୟକ, ସ୍ତ୍ରୀ ମାଗି ନାୟକ ଓ ଝିଅ ଦୀପା ନାୟକ ପୋଡ଼ିହୋଇ ଗୁରୁତର ହୋଇଛନ୍ତି। ଘରେ ଦୋକାନ କରିଥିବା ପ୍ରଫୁଲ୍ଲ ଜଣଙ୍କୁ ପେଟ୍ରୋଲ ଦେଉଥିବା ବେଳେ ତାହା ତଳେ ଢାଳିଯାଇଥିଲା। ଏହି ସମୟରେ ତାଙ୍କ ଝିଅ ଦୀପ ଲଗାଉଥିବାରୁ ପେଟ୍ରୋଲରେ ନିଆଁ ଲାଗି ଜଳି ଉଠିଥିଲା। ଫଳରେ ବାପ, ଝିଅ ପୋଡ଼ି ହୋଇଥିଲେ। ପ୍ରଫୁଲ୍ଲଙ୍କ ସ୍ତ୍ରୀ ସେଠାକୁ ଆସି ଉଦ୍ଧାର କଲାବେଳେ ତାଙ୍କ ଶାଢ଼ୀରେ ମଧ୍ୟ ନିଆଁ ଲାଗି ଯାଇଥିଲା। ଗ୍ରାମବାସୀ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭଞ୍ଜନଗର ହସ୍ପିଟାଲକୁ ଆଣିଥିଲେ। ସେଠାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଛି। ସେହିପରି ଗାଲେରି ଫାଣ୍ଡି ଅନ୍ତର୍ଗତ ବ୍ରାହ୍ମଣପଦରରେ ବୁଧବାର ସନ୍ଧ୍ୟାରେ ଘରେ ବିଦ୍ୟୁତ୍ ମରାମତି କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ପ୍ରଶାନ୍ତ ନାୟକଙ୍କ ମୃତ୍ୟୁ ଘଟିଛି। ସେ ୬ମାସ ପୂର୍ବେ ବିବାହ କରିଥିଲେ।

# କେନ୍ଦ୍ର ଅର୍ଥନୈତିକ ପରାମର୍ଶଦାତାଙ୍କ ଗଞ୍ଜାମ ଗସ୍ତ

ଛତ୍ରପୁର,୧୭।୧୧(ଡି.ଏନ୍.ଏ.)

ଭାରତ ସରକାରଙ୍କ ଅର୍ଥନୈତିକ ପରାମର୍ଶଦାତା କଲ୍ୟାଣୀ ମିଶ୍ରା ବୁଧବାର ଗଞ୍ଜାମ ଜିଲା ଗସ୍ତରେ ଆସିଥିଲେ। ଜିଲାରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ, ମହିଳା ସଂଘ ଦ୍ୱାରା ତ୍ୱରାନ୍ୱିତ ବିଭିନ୍ନ ଫୁଲ ଚାଷ ଓ ପ୍ରକଳ୍ପ, ଦକ୍ଷତା ବିକାଶ ତାଲିମ ଓ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଛତ୍ରପୁର ବ୍ଲକ ଭିକାରୀପଲ୍ଲୀ ପଞ୍ଚାୟତ ନୂଆପଲ୍ଲୀରେ ମହିଳା ସଂଘ ଦ୍ୱାରା ହୋଇଥିବା ବିଭିନ୍ନ ଫୁଲ ଚାଷ, ଡିପିଆରସି କେନ୍ଦ୍ର, ଖଲ୍ଲିକୋଟ ବ୍ଲକ କେଶପୁରର ରୁରବାନ୍ ମିଶନ କ୍ଲଷ୍ଟର, ଏମଜିଏନଏଆରଇଜିଏସ ଓ ଅନ୍ୟ ଅନୁଦାନରେ ନିର୍ମିତ ପାର୍କ, ହିଞ୍ଜିଳିକାଟୁ ବ୍ଲକ ଆମ୍ବଗାଁରେ ଥିବା ପିଏମଏୱାଇ କଲୋନୀ, ଏମସିସି ଓ ଏମଆରଏଫ୍ ପ୍ଲାଣ୍ଟ, ସାନଖେମୁଣ୍ଡି ବ୍ଲକ ଯୁରା ପଞ୍ଚାୟତର ମଡେଲ ଟ୍ୟାଙ୍କ ଓ ରୁରାଲ ପାର୍କ, ପୋଡାମାରୀ ପଞ୍ଚାୟତର ସ୍ଟିଚିଂ ୟୁନିଟ୍ , ଦିଗପହଣ୍ଡି ବ୍ଲକ ବାସୁଦେବପୁରର ପିଏମଜିଏସୱାଇ ରୋଡ୍, ଆସିକା ବ୍ଲକ ଚଡେୟାପଲ୍ଲୀର ଜାଗେରୀ ୟୁନିଟ୍‌କୁ ଅର୍ଥନୈତିକ ପରାମର୍ଶଦାତା ଦେଖିଥିଲେ । ଡିଆରଡିଏ ଏପିଡି ଜ୍ୟୋତି ଶଙ୍କର ରାୟ, ଏପିଡି ସୌମ୍ୟ ରଞ୍ଜନ ହୋତା, ବିଡିଓ ସାରଦା ପ୍ରସାଦ ପଣ୍ଡା, ଓଏଲଏମ ଡିପିଏମ୍ ନବୀନ କୁମାର ସେନାପତି, ବିପିଏମ ମାନିନୀ ଜେନା ଉପସ୍ଥିତ ଥିଲେ।


ଅର୍ଥନୈତିକ ପରାମର୍ଶଦାତା ଫୁଲ ଚାଷ ପରିଦର୍ଶନ କରୁଛନ୍ତି।

# ଡିସେମ୍ବର ୬ରେ ବ୍ରହ୍ମପୁରରେ କିଷାନ ମହାପଞ୍ଚାୟତ

ବ୍ରହ୍ମପୁର ଅଫିସ,୧୭।୧୧

- ଯୋଗଦେବେ ରାକେଶ ଟିକାୟତଙ୍କ ସମେତ ତୁଙ୍ଗ ନେତା
- ୩ କଳା କୃଷି ଆଇନ ପ୍ରତ୍ୟାହାର ଦାବି କରାଯିବ

ସଂଯୁକ୍ତ କିଶାନ ମୋର୍ଚ୍ଚା ଓଡ଼ିଶା ରାଜ୍ୟ ଶାଖା ଆନୁକୂଲ୍ୟରେ ଆସନ୍ତା ଡିସେମ୍ବର ୬ ତାରିଖରେ ବ୍ରହ୍ମପୁରରେ କିଷାନ ମହାପଞ୍ଚାୟତ ଅନୁଷ୍ଠିତ ହେବ। ଏଥିରେ ରାକେଶ ଟିକାୟତଙ୍କ ସମେତ ମହାପଞ୍ଚାୟତ ଓ କିଶାନ ମୋର୍ଚ୍ଚାର ତୁଙ୍ଗ ନେତାମାନେ ଯୋଗଦେବେ । ରାଜ୍ୟ ଶାଖାର ନେତା ତଥା ବରିଷ୍ଠ ବାମପନ୍ଥୀ ନେତା ଭାଲଚନ୍ଦ୍ର ଷଡ଼ଙ୍ଗୀ ବୁଧବାର ଏହି ସୂଚନା ଦେଇଛନ୍ତି। ମହାସମାବେଶରେ ମୁଖ୍ୟତଃ ଦକ୍ଷିଣ ଓଡ଼ିଶାର ଶହ ଶହ କୃଷକଙ୍କ ସମେତ ବିଭିନ୍ନ ସ୍ତରର ଜଣାଶୁଣା ବ୍ୟକ୍ତି ଯୋଗଦେବେ ବୋଲି ସେ ଦର୍ଶାଇଛନ୍ତି। ଏହାକୁ ସମ୍ପୂର୍ଣ୍ଣ ସଫଳ କରିବା ପାଇଁ ଭାଲଚନ୍ଦ୍ର ଆହ୍ୱାନ ଦେଇଛନ୍ତି।

ବୁଧବାର ବ୍ରହ୍ମପୁରରେ ଷଡ଼ଙ୍ଗୀ କହିଛନ୍ତି ଭାଜପା ନେତୃତ୍ୱାଧିନ କେନ୍ଦ୍ର ମୋଦି ସରକାର ୩ କଳା କୃଷି ଆଇନ ପ୍ରଣୟନ କରିଛନ୍ତି ଓ ଏହା ପ୍ରତ୍ୟାହାର ଦାବି ନେଇ ଦିଲ୍ଲୀ ସୀମାରେ ଚାଲିଥିବା କୃଷକ ଆନ୍ଦୋଳନ ଆସନ୍ତା ୨୬ ତାରିଖରେ ବର୍ଷେ ପୁରିବାକୁ ଯାଉଛି। ଏହି ସମୟ ମଧ୍ୟରେ ଐତିହାସିକ ଆନ୍ଦୋଳନରେ ସାମିଲ ହୋଇଥିବା ୭ ଶହରୁ ଅଧିକ କୃଷକଙ୍କ ଜୀବନ ଯାଇଛି। ସମସ୍ୟାର ସମାଧାନ ପରିବର୍ତ୍ତେ କର୍ପୋରେଟ ସେକ୍ଟରର ସ୍ୱାର୍ଥ ଲାଗି ଶାସନ କରୁଥିବା ଏନଡିଏ ସରକାର ମହାପଞ୍ଚାୟତ ବିରୋଧରେ ନାନା ଷଡ଼ଯନ୍ତ୍ର ଚଳାଇବା ସହ ବଦନାମ କରିବାରେ ବ୍ୟସ୍ତ ରହୁଛନ୍ତି। ଜଣେ କେନ୍ଦ୍ରମନ୍ତ୍ରୀଙ୍କ ପୁଅ ଆନ୍ଦୋଳନକାରୀଙ୍କ ଉପରେ ଗାଡ଼ି ଚଢ଼ାଇ ହତ୍ୟା କରିବାକୁ ପଛାଇ ନାହାନ୍ତି।

ପ୍ରଣୟନ କୃଷି ଆଇନ ସମ୍ପୂର୍ଣ୍ଣ ପ୍ରତ୍ୟାହାର, ଏମଏସପି ପାଇଁ ସ୍ୱତନ୍ତ୍ର ଆଇନ କରାଯିବା ଦାବିକୁ ପୂର୍ଣ୍ଣ ସମର୍ଥନ ଜଣାଇଛି ସଂଯୁକ୍ତ କିଶାନ ମୋର୍ଚ୍ଚା। ଓଡ଼ିଶାର ଶହ ଶହ କୃଷକ ମହାପଞ୍ଚାୟତର ଆନ୍ଦୋଳନରେ ସାମିଲ ମଧ୍ୟ ହୋଇଛନ୍ତି। ଆନ୍ଦୋଳନକୁ ଅଧିକ ବ୍ୟାପକ କରିବା ନିମନ୍ତେ ଆସନ୍ତା ଡିସେମ୍ବର ୬ରେ ବ୍ରହ୍ମପୁରରେ କିଶାନ ମହାପଞ୍ଚାୟତ ସମାବେଶ କରାଯିବାର ମୋର୍ଚ୍ଚା ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଭାଲଚନ୍ଦ୍ର ସୂଚାଇଛନ୍ତି। ସମାବେଶରେ ମୋଦୀ ସରକାର ବିରୋଧରେ ଅଧିକ ଜନମତ ସୃଷ୍ଟି କରାଯିବ ଏବଂ ଚଳନ୍ତି ସମସ୍ୟାର ଅନ୍ତ ଘଟାଇବାକୁ ଦାବି ହେବ। ଏହାସହ ରାଜ୍ୟର ଅନେକ ଦାବି ଯୋଡ଼ାଯିବ। ଆଦିବାସୀଙ୍କୁ ଜଙ୍ଗଲ ଜମିର ଅଧିକାର, ଚାଷୀଙ୍କ ଉତ୍ପାଦିତ ସବୁ ଧାନ ସରକାର ମଣ୍ଡି ଦ୍ୱାରା କ୍ରୟ ଓ ଭାଗଚାଷୀଙ୍କୁ ଚାଷୀର ମାନ୍ୟତା ପ୍ରଦାନ ପାଇଁ ଦାବି କରାଯିବ ବୋଲି ଷଡ଼ଙ୍ଗୀ ସୂଚାଇଛନ୍ତି।



